



### ପୂର୍ବାହ୍ନରେ ଯାଞ୍ଚ; ଅପରାହ୍ନରେ ଯୁବକଙ୍କ ବେକ କଟିଲା

# ଘାତକ ସାଜିଛି ମାଞ୍ଜା ସୂତା

ଭୁବନେଶ୍ୱର, ୧୩।୧ (ସମିସ): ମକର ସଂକ୍ରାନ୍ତି ପୂର୍ବରୁ ସକ୍ରିୟ ହୋଇଛି ପୁଲିସ। ମଙ୍ଗଳବାର ସକାଳେ ପୁଲିସ ପକ୍ଷରୁ ସହରର ବିଭିନ୍ନ ଦୋକାନ ଗୁଡ଼ିକରେ ମାଞ୍ଜା ସୂତା ଯାଞ୍ଚ କରାଯାଇଛି। ହେଲେ ସନ୍ଧ୍ୟାରେ ରାଜଧାନୀରେ ଘଟିଛି ଅଘଟଣ। ଗୁଡ଼ି ମାଞ୍ଜା ସୂତାରେ ଯୁବକଙ୍କ ବେକ ଓ ହାତ କଟିଯାଇଛି। ବାଇକ୍‌ରେ ଯିବା ସମୟରେ ବେକରେ ସୂତା ଲାଗି ଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ପୋଖରୀପୁଟ ଛକରେ ଏଭଳି ଅଘଟଣ ଘଟିଛି। କମଳାକାନ୍ତ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।





ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ କଳ୍ପନା ଅଞ୍ଚଳର କମଳାକାନ୍ତ ସ୍କୁଟି ଯୋଗେ ଖଣ୍ଡଗିରିରୁ ପୋଖରୀପୁଟ ଦିଗରେ ଯାଉଥିଲେ। ଠିକ୍ ପୋଖରୀପୁଟ ଛକରେ ପହଞ୍ଚିବା ବେଳକୁ ହଠାତ୍ ଗୁଡ଼ିର ମାଞ୍ଜା ସୂତା ଆସି ତାଙ୍କ ବେକରେ ଲାଗି ଯାଇଥିଲା। ଫଳରେ ତାଙ୍କ ବେକ କଟି ଯାଇଥିଲା। ସାଙ୍ଗେ ସାଙ୍ଗେ ବେକରୁ ସୂତା କାଢ଼ିବା ବେଳକୁ ହାତ ମଧ୍ୟ କଟି ଯାଇଥିଲା। ଫଳରେ ହାତରେ ମଧ୍ୟ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକମାନେ ଅଟକି ଯାଇଥିବା ବେଳେ ସାଙ୍ଗମାନେ ମଧ୍ୟ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। କମଳାକାନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ବେକ କଟି ଯାଇଥିବା ବେଳେ ଡାହାଣ ହାତର ଆଙ୍ଗୁଳି ମଧ୍ୟ କଟି ଯାଇଛି। ଇଏ ଗୋଟିଏ ଘଟଣା ନୁହଁ, କିଛିଦିନ ପୂର୍ବେ ଶ୍ରୀଲିଙ୍ଗରାଜ ଓ ଏୟାରଫିଲ୍ଡ ଥାନା ଅଞ୍ଚଳର ୨ ଜଣ ବ୍ୟକ୍ତି ମାଞ୍ଜା ସୂତାରେ ଗୁରୁତର ଆହତ ମଧ୍ୟ ହୋଇଥିଲେ।

ସେପଟେ ବଡ଼ଗଡ଼ ସମେତ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଥିବା ଗୁଡ଼ି ଦୋକାନରେ ଯାଞ୍ଚ କରାଯାଇଛି। ବିଶେଷକରି ମକର ସଂକ୍ରାନ୍ତି ଲାଗି ସ୍ୱତନ୍ତ୍ର ଭାବେ ଗୁଡ଼ି ବିକ୍ରି କରୁଥିବା ଅସ୍ଥାୟୀ ଦୋକାନ ଗୁଡ଼ିକରେ ପୁଲିସ ଚଢ଼ଉ କରିଛି। ମାଞ୍ଜା ସୂତା ବିକ୍ରି ଉପରେ କଟକଣା ରହିଥିବା ବେଳେ ବିଭିନ୍ନ ସ୍ଥାନରେ ବେଆଇନ୍ ଭାବେ ବିକ୍ରି କରାଯାଉଛି। ମଙ୍ଗଳବାର ବିଭିନ୍ନ ଥାନା ଅଞ୍ଚଳରେ ଗୁଡ଼ି ବିକ୍ରି କରାଯାଉଥିବା ଦୋକାନରେ ଚଢ଼ଉ କରି ବିପୁଳ ମାଞ୍ଜା ସୂତା ଜବତ କରାଯାଇଛି। ସମ୍ପୃକ୍ତ ଦୋକାନୀଙ୍କୁ ତାଗିଦ୍ କରାଯିବା ସହ ପରବର୍ତ୍ତୀ ସମୟରେ ମାଞ୍ଜା ସୂତା ବିକ୍ରି କରି ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଚେତାବନୀ ଦେଇଛି। ଧରପଗଡ଼ ସତ୍ତ୍ୱେ ମାଞ୍ଜା ସୂତାରେ ବେକ କଟିବା ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଦୋକାନରୁ ଚୋରିକରି ଜଣେ ଗିରଫ

ଭୁବନେଶ୍ୱର, ୧୩।୧ (ସମିସ): ଦୋକାନରୁ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଙ୍କୀ ଥାନା ଅଞ୍ଚଳର ସନ୍ତୁ ଜେନା (୨୨)।

ପୁଲିସ ସୂଚନା ମୁତାବକ, ଜାଗମରା ଅଞ୍ଚଳରେ ଦୋକାନ କରିଥିବା ଯୋଗେଶ୍ୱର ପ୍ରଧାନ ଓ ତାଙ୍କ ପତ୍ନୀ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସେହି ସମୟରେ ସନ୍ତୁ ତାଙ୍କ ଦୋକାନରେ ପଶି ୪ ହଜାର ଟଙ୍କା, ୩ ହଜାର ଟଙ୍କାର ସିଗାରେଟ୍, ଫଳ ଓ ଓଜନ ମେସିନ୍ ଚୋରିକରି ନେଇଥିଲା। ରାତି ୧୨ଟା ବେଳକୁ ଦୋକାନର ଦ୍ୱାର ଖୋଲା ଥିବା ନେଇ ଜଣେ ପଡ଼?ଶୀଙ୍କ ଠାରୁ ଖବର ପାଇଥିଲେ। ଦୋକାନ ପାଖକୁ ଯାଇ ଦେଖିବା ବେଳକୁ ସନ୍ତୁ ଚୋରି ସାମଗ୍ରୀ ନେଇ ସାଇକେଲରେ ଯାଉଥିବା ଦେଖି ତାକୁ ଅଟକାଇଥିଲେ। ଖବରପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ସନ୍ତୁକୁ ଥାନାକୁ ନେଇଥିଲା। ଯୋଗେଶ୍ୱରଙ୍କ ଅଭିଯୋଗ ଆଧାରରେ ପୁଲିସ ସନ୍ତୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଧାନସଭା ନିକଟରେ ବୁଲିଲା ଖଣ୍ଡା

ଭୁବନେଶ୍ୱର, ୧୩।୧(ସମିସ): ବିଧାନସଭା ନିକଟସ୍ଥ ଆଇଜି ପାର୍କ ଅଞ୍ଚଳ ରାଜଧାନୀର ଏକ ହାଇ ସକ୍ୟୁରିଟି ଜୋନ୍। ଏଠାରେ ବି ଦୁର୍ବୃତ୍ତମାନେ ଭୟଶୁନ୍ୟ ହୋଇ ଖଣ୍ଡା ବୁଲାଇଛନ୍ତି। ଆଇଜି ପାର୍କ ନିକଟରେ ଏକ ଖାଦ୍ୟ ଷ୍ଟଲ୍ ଚଳାଉଥିବା ଜଣେ ମହିଳା ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ତାଙ୍କ ହାତରେ ଆଘାତ ଲାଗିଛି। ତେବେ ବଟି ନ ଦେବାରୁ ଏଭଳି ଆକ୍ରମଣ ଉଦ୍ୟମ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଏନେଇ ଖବର ସାମ୍ନାକୁ ଆସିବା ପରେ ପୁଲିସ ଖୋଳତାଡ ଆରମ୍ଭ କରିଛନ୍ତି।

■ ଅଳ୍ପକେ ବର୍ତ୍ତିଲେ ମହିଳା ବ୍ୟବସାୟୀ
■ ବଟି ନ ଦେବାରୁ ହୋଇଥିଲା ଆକ୍ରମଣ

ଆଇଜି ପାର୍କ ଅଞ୍ଚଳରେ ମହିଳା ଜଣଙ୍କ ଦୀର୍ଘଦିନ ହେବ ଖାଦ୍ୟ ଷ୍ଟଲ୍ ଚଲାଉଛନ୍ତି। ପ୍ରତ୍ୟେକ ଦିନ ଭଳି ମଙ୍ଗଳବାର ମହିଳା ଜଣଙ୍କ ଅପରାହ୍ନରେ ନିଜ ଷ୍ଟଲ ଖୋଲି ଥିଲେ। କିଛି ସମୟ ପରେ ଏହି ଷ୍ଟଲ ନିକଟକୁ ଜଣେ ଦୁର୍ବୃତ୍ତ ଆସିଥିଲେ। ମହିଳାଙ୍କୁ ଖାଇବାକୁ ମାଗିଥିଲେ। ମହିଳା ଜଣଙ୍କ ଖାଇବାକୁ ଦେବା ପରେ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବା ପରିବର୍ତ୍ତେ ଦୁର୍ବୃତ୍ତ ଜଣଙ୍କ ଓଲଟା ଗାଳିଗୁଲଜ କରି ସେଠାରୁ ଚାଲି ଯାଇଥିଲେ। କିଛି ସମୟ ପରେ ଏକ କଟୁରୀ ଧରି ଦୁର୍ବୃତ୍ତ ଜଣଙ୍କ ପୁଣି ସେଠାକୁ ଆସିଥିଲେ। ଏହି ଅଞ୍ଚଳରେ ବ୍ୟବସାୟ କରୁଛ, ଏଣୁ ଆମକୁ ବଟି ଦିଅ। କିଛି ଟଙ୍କା ମାଗିଥିଲେ। ମହିଳା ବ୍ୟବସାୟୀ ଜଣଙ୍କ ଟଙ୍କା ନ ଦେବାରୁ ଦୁର୍ବୃତ୍ତ ଜଣଙ୍କ ପ୍ରଥମେ ଧମକ ଦେଇଥିଲେ। ଅସଭ୍ୟ ଭାଷରେ ଗାଳିଗୁଲଜ କରିଥିଲେ। ପରେ ହାତକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବା ପରେ ଲୋକେ ସେଠି ରୁଣ୍ଡ ହୋଇଯାଇଥିଲେ। ପରେ ଦୁର୍ବୃତ୍ତ ସେଠାରୁ ଫେରାର ହୋଇ ଯାଇଥିଲେ। ଏସମ୍ପର୍କରେ ମହିଳା ଜଣଙ୍କ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଲୋକଙ୍କ କହିବା ଅନୁଯାୟୀ ଏହି ଯୁବକ ଜଣଙ୍କ ଦୁଇ ନମ୍ବର ମାର୍କେଟବିଲ୍ଡିଂ ନିକଟସ୍ଥ ଏକ ବସ୍ତିରେ ରୁହନ୍ତି। ଅଧିକାଂଶ ସମୟରେ ସେ ବିଭିନ୍ନ ଦୋକାନୀଙ୍କ ଠାରୁ ବଟି ଆଦାୟ କରିବା ସହ ଧମକଚମକ ଦେଇଥାନ୍ତି। ଏଣୁ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଷ୍ଟଲ ପକାଇଥିବା ଦୋକାନୀମାନେ ଦାବି କରିଛନ୍ତି।

## ସୁଚିସ୍ମିତା ସାଇବର ଥାନା ଇନଚାର୍ଜ

ଭୁବନେଶ୍ୱର, ୧୩।୧ (ସମିସ): କମିସନରେଟ ପୁଲିସ ଅଧୀନସ୍ଥ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ଏସିପି ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ଆଇଟି ଓ ସୋସିଆଲ ମିଡିଆ ଦାୟିତ୍ୱରେ ଥିବା ଏସିପି ସୁଚିସ୍ମିତା ଦାସଙ୍କୁ ଭୁବନେଶ୍ୱର ସାଇବର ଥାନା ଇନଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସାଇବର ଥାନା ଇନଚାର୍ଜ ଥିବା ଅକ୍ଷୟ ନାୟକଙ୍କୁ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ଆଇଟି ଓ ସୋସିଆଲ ମିଡିଆ ଇନଚାର୍ଜ ଭାବେ ବଦଳି କରାଯାଇଛି। ଏନେଇ ପୁଲିସ କମିସନରଙ୍କ ଦସ୍ତଖତ ସମ୍ବଳିତ ବିଜ୍ଞପ୍ତି ପ୍ରକାଶ ପାଇଛି।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ଏସି ମେକାନିକ୍ ଗିରଫ

ଭୁବନେଶ୍ୱର, ୧୩।୧ (ସମିସ): ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗରେ ଏସି ମେକାନିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳର ମୁଜିବୁର୍ ରେହମାନ୍ (୩୫)।

ପୁଲିସ ସୂଚନାନୁସାରେ, ନାବାଳିକାର ମାଆ ଏସି ମରାମତି କରିବାକୁ ମେକାନିକ୍ ଡକାଇଥିଲେ। ମୁଜିବୁର୍ ଏସି ମରାମତି କରିବାକୁ ତାଙ୍କ ଘରେ ପହଞ୍ଚିବା ବେଳକୁ ନାବାଳିକା ଜଣକ ଏକାକୀ ଥିଲେ। ମୁଜିବୁର୍ ମରାମତି କରିବା ସମୟରେ ନାବାଳିକା ଉପରେ ଲୋଲୁପ ଦୃଷ୍ଟି ପକାଇଥିଲା। ସୁଯୋଗ ଉଣ୍ଡି ତାଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ନାବାଳିକା ଜଣକ ଚିତ୍କାର କରିବାରୁ ତାଙ୍କୁ ମାଡ଼ ମାରିଥିଲା। କୈଶଳ କ୍ରମେ ନାବାଳିକା ଜଣକ ଘରୁ ବାହାରକୁ ପଳାଇ ଆସିବାରୁ ମୁଜିବୁର୍ ଫେରାର ହୋଇ ଯାଇଥିଲା। ଏନେଇ ନାବାଳିକା ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ମୁଜିବୁରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ‘ବୋମାମାଡ଼’ ତଦନ୍ତ ଯାଉଛି କୁଆଡ଼େ

ଭୁବନେଶ୍ୱର, ୧୩।୧(ସମିସ): ବିଗତ କିଛିଦିନରେ ରାଜଧାନୀରେ ବୋମା ଆତଙ୍କ ଦେଖା ଦେଇଛି। ଅପରାଧୀ ଏଭଳି ସକ୍ରିୟ ହୋଇଛନ୍ତି ଯେ ଯେଉଁଠି ପାରୁଛନ୍ତି ବୋମା ଫୋପାଡୁଛନ୍ତି। ବାରମ୍ବାର ବୋମା ଫୁଟୁଛି। ଲୋକେ ଏଥିରେ ଭୟବିତ ହେବା ସହ ସାଧାରଣ ଶାନ୍ତି ଭଙ୍ଗ ହୋଉଛି। ଏଭଳି ଘଟଣା ଗୁଡ଼ିକୁ ନେଇ ପୁଲିସ ସମ୍ବେଦନଶୀଳ ହେବା କଥା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଜେଲ ବାଟ ଦେଖାଇବା କଥା। ହେଲେ ଏକାଧିକ ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ତ ଦୂରର କଥା ବୋମା ମାଡ କଣ ପାଇଁ ହୋଇଛି ତାହା ବି ଜାଣି ପାରୁ ନାହିଁ। ସହରରେ ବୋମା ମାଡ଼ ଜନିତ ମାମଲାରେ ପୁଲିସର ଏଭଳି ପାରିବାର ପଣିଆ ହାଟରେ ପଡ଼ି ଦାଣ୍ଡରେ ଗଡ଼ିବାରେ ଲାଗିଛି।

ଗତବର୍ଷ ବିଧାନସଭା ଶୀତ ଅଧିବେଶନ ସମୟରେ ଭାରତର ରାଷ୍ଟ୍ରପତି ଭୁବନେଶ୍ୱର ଆସିଥିଲେ। ରାଷ୍ଟ୍ରପତି ଭୁବନେଶ୍ୱରରେ ଥିଲା



■ କେଉଁଠି ଅଭିଯୁକ୍ତ ମିଳୁନି, ଆଉ କେଉଁଠି କାରଣ ଜାଣି ପାରୁନି
■ ଚାପ ପଡୁଛି, ନାଆ ତଦନ୍ତ ଜଣାନାହିଁ

ବେଳେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ପାଚେରୀକୁ ବୋମା ମାଡ କରି ଦୁର୍ବୃତ୍ତ ଫେରାର୍ ହୋଇ ଯାଇଥିଲେ। ଏଭଳି ଏକ କାଣ୍ଡ ସ୍କୁଲ୍ ପିଲାଙ୍କ ଜୀବନକୁ ବାଜିରେ ଲଗାଇ ଦେଇଥିଲା। ହେଲେ ଏହି ମାମଲାରେ ପୁଲିସର ନିଷ୍କ୍ରିୟତା ସବୁ ସୀମା ପାର କରିଦେଲା। ଏହି ଘଟଣାରେ କିଏ ବୋମା ମାଡ କରିଛି ଜାଣିବା ଦୂରର କଥା ଏପରିକି କେଉଁ ଉଦ୍ଦେଶ୍ୟରେ ବୋମାମାଡ଼ ହୋଇଛି ସେସମ୍ପର୍କରେ କିଛି ଜାଣି ପାରିଲା ନାହିଁ। ପୁଲିସ କେବଳ ଅନ୍ଧାରରେ ବାଡି ବୁଲାଇ ଏବେ ସମ୍ପୂର୍ଣ୍ଣ ଭାବେ ନିରବୀ ଯାଇଛି।

ସେହିପରି ଗତ ନଭେମ୍ବର ୪ ତାରିଖରେ ଭରତପୁର ଥାନା ଅଞ୍ଚଳରେ ବନ୍ଧୁକ ଲାଇସେନ୍ସ ହାତେଇବାକୁ ଘୁଙ୍ଗୁରୁ ମିଶ୍ର ନାମ୍ନୀ ମହିଳା ନିଜ ଘର ଉପରକୁ ଗୁଳି ଓ ବୋମାମାଡ଼ କରିଥିବା ତଦନ୍ତ ବେଳେ ଜଣାପଡ଼ିଥଲା। ଘଟଣାରେ ଘୁଙ୍ଗୁରୁଙ୍କ ଡ୍ରାଇଭର ସମେତ ଭରତପୁର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମଧ୍ୟରେ ଥିଲେ ଘୁଙ୍ଗରଙ୍କ ଡ୍ରାଇଭର ଚନ୍ଦନ ନାୟକ ଓରଫ୍ ନନ୍ଦୁ, ଭରତପୁର ମୁଣ୍ଡା ସାହିର ଦେବାଶିଷ ମହାପାତ୍ର ଓ ଷ୍ଟୁଡିଓ ଛକ ଓମକାର ବସ୍ତିର ସନ୍ତୋଷ ମହାକୁଡ଼। ଘୁଙ୍ଗୁର ମିଶ୍ର କିଛି ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଆବେଦନର ତଦନ୍ତ ପାଇଁ ସ୍ଥାନୀୟ ଥାନାକୁ ନିର୍ଦ୍ଦେଶ ଆସିବା ପରେ ନିଜକୁ ଜଣେ ପ୍ରତିଷ୍ଠିତ ଶିଳ୍ପପତିଙ୍କ ଭଉଣୀ ବୋଲି ପରିଚୟ ଦେଇ ପୁଲିସ ଉପରେ ଚାପ ସୃଷ୍ଟି କରିଥିଲେ। ଯଥାଶୀଘ୍ର ତଦନ୍ତ ସାରି ବନ୍ଧୁକ ଲାଇସେନ୍ସ ପାଇଁ ତାଙ୍କୁ ଯୋଗ୍ୟ ବିବେଚିତ କରିବାକୁ ପୁଲିସକୁ କହିଥିଲେ। ତାଙ୍କ ବନ୍ଧୁକ ଲାଇସେନ୍ସକୁ ଯଥାର୍ଥ କରିବାକୁ ୨୦୨୫ ମସିହା ସେପ୍ଟେମ୍ବର ୧୧ ତାରିଖ ଦିନ ତାଙ୍କ ଘର ଉପରକୁ ବୋମାମାଡ଼ ହୋଇଥିଲା। ସେ ଭରତପୁର ଥାନାରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଏହି ବୋମ ମାଡ଼ ଘଟଣାରେ ପରେ ଜଣା ପଡ଼ିଲା ଘୁଙ୍ଗୁର ମିଶ୍ର ମାଷ୍ଟରମାଇଣ୍ଡ। ପୁଲିସ ଏହି ମାମଲାର ପର୍ଦ୍ଦାଫାସ କରିଥିଲେ ମଧ୍ୟ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାକୁ ଦୂରବିନ୍ ଧରି ଖୋଜୁଛି।

ଗତ ଜାନୁଆରି ମାସ ୮ ତାରିଖ ଦିନ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ବୋମ ମାଡ଼ ଘଟଣା ସାମ୍ନାକୁ ଆସିଥିଲା। ପୂର୍ବର୍ ଶତୃତାକୁ କେନ୍ଦ୍ର କରି ଏଭଳି ବୋମା ମାଡ ହୋଇଥିବା ଚର୍ଚ୍ଚା ହେଉଥିଲା। ଏହି ମାମଲାରେ ମଧ୍ୟ ପୁଲିସ ହାତ ଏପର୍ଯ୍ୟନ୍ତ ଖାଲି ରହିଛି। ଅଭିଯୁକ୍ତ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ସେହିପରି ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଜାନୁଆରି ୭ ତାରିଖରେ କଳ୍ପନା ଛକରେ ମଧ୍ୟ ବୋମା ମାଡ ହୋଇଥିଲା।

ତେବେ ଭୁବନେଶ୍ୱରର ଥିବା ବସ୍ତି, ଖୋର୍ଦ୍ଧାର ଗ୍ରାମାଞ୍ଚଳରୁ ଲୋକେ ବୋମା ଭିଡି ଅପରାଧୀଙ୍କ ହାତରେ ଧରାଇ ଦେଉଛନ୍ତି। ହେଲେ ବୋମା ଭିଡୁଥିବା ଲୋକ କିମ୍ବା ବୋମାମାଡ଼ ସହ ସମ୍ପୃକ୍ତି ଅଭିଯୁକ୍ତଙ୍କ ପାଖରେ ନ ପହଞ୍ଚି ପାରିବା ବିଭିନ୍ନ ପ୍ରଶ୍ନ ସୃଷ୍ଟି କରୁଛି। ବୋମାମାଡ଼ ମାମଲାଗୁଡ଼ିକରେ ପୁଲିସର ତଦନ୍ତ ଦିଗହାରା ହେବା ପଛରେ କିଛି ଚାପ ପଡୁଛି, ନା ଏଭଳି ମାମଲାରେ ତଦନ୍ତ ଆଗକୁ କିପରି ବଢ଼ିବ। ଅଭିଯୁକ୍ତ କିପରି ଧରା ପଡ଼ିବେ। ଆଉ ଏହାର ଉଦ୍ଦେଶ୍ୟ ପର୍ଦ୍ଦାଫାସ ହେବ ତାହା ଭୁବନେଶ୍ୱର ପୁଲିସକୁ ଜଣାନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।
































# ଭୁବନେଶ୍ୱର ସିଟି

# ସେବାୟତ ବିବାଦ; ଲିଙ୍ଗରାଜ ନୀତିକାନ୍ତି ବନ୍ଦ

ଭୁବନେଶ୍ୱର, ୧୩।୧(ସମିସ): ସେବାୟତଙ୍କ ବିବାଦ ଯୋଗୁଁ ଲିଙ୍ଗରାଜଙ୍କ ନିତୀକାନ୍ତି ବନ୍ଦ ରହିଛି। ଫଳରେ ମଙ୍ଗଳବାର ଦିଅଁଙ୍କର ସଁଧ୍ୟା ପରଠାରୁ ସମସ୍ତ ନିତି ବନ୍ଦ ରହିଛି। ବୁଧବାର ମକର ସଂକ୍ରାନ୍ତି ଅବସରରେ ମଧ୍ୟ ଦିଅଁ ଉପବାସ ରହିବା ଆଶଙ୍କା କରାଯାଉଛି।

- ହୋଇପାରିଲାନି ଦିଅଁଙ୍କ ନବାଙ୍କ ବେଢ଼ା ନୀତି
- ମକର ଯାତ୍ରା ନ ହେବା ଆଶଙ୍କା



ମକର ସଂକ୍ରାନ୍ତି ପୂର୍ବଦିନ ଦିଅଁଙ୍କର ନବାଙ୍କ ବେଢ଼ା ନୀତି ଅନୁଷ୍ଠିତ ହୋଇଥାଏ। ସନ୍ଧ୍ୟା ଧୂପ ପରେ ଦିଅଁଙ୍କ ଚଳନ୍ତି ପ୍ରତିମା ତିନିଥର ନବାଙ୍କ ବେଢ଼ା ପରିକ୍ରମା କରି ମକର ମଣ୍ଡପରେ ବିଜେ କରିଥାନ୍ତି। ୨୦୨୫ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନବାଙ୍କ ବେଢ଼ା ନୀତିର କ୍ଷୀର ଆଉଟା ପାଇଁ ବଡୁ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୨୦୨୫ଡିସେମ୍ବର୨୪ ରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଜିଲ୍ଲାପାଳଙ୍କ ତରଫରୁ ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା। ଯେଉଁଥିରେ ମକର ପୂର୍ବ ସନ୍ଧ୍ୟାରେ କ୍ଷୀର ଆଉଟାଇବା ପାଇଁ ପର୍ବଯାତ୍ରା ବିଷୋୟୀ କାଠ ଓ ଅସ୍ଥାୟୀ ଚୁଲି ପ୍ରସ୍ତୁତ କରିବେ। ଘଣ୍ଟ ଏବଂ ମେଘ ଡମ୍ବରୁ ଶୋଭାଯାତ୍ରାରେ ବଡୁ ନିଯୋଗର ସାମନ୍ତରା ଘରୁ କ୍ଷୀର ଆଣିଯିବେ। ଏହାପରେ ବ୍ରାହ୍ମଣ ନିଯୋଗର ପୂଜାପଣ୍ଡା ସେବାୟତ କ୍ଷୀର ଆଉଟା ଘୃତ କମଳ ପ୍ରସ୍ତୁତ କରିବେ। ପର ଦିନ ଅର୍ଥାତ ମକରରେ ବଡୁ ସେବାୟତମାନେ ଶ୍ରୀଜିଉଙ୍କୁ ଲାଗି କରିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶକୁ ଅବୈଧ ଦର୍ଶାଇ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ଫଳରେ ଅଦାଲତ ସୋମବାର ଜିଲ୍ଲାପାଳଙ୍କ ଆଦେଶକୁ ସ୍ଥଗିତ ରଖି ଦେବା ସହ ଦେବୋତ୍ତର କମିଶନରଙ୍କୁ ଏହି ବିବାଦ ତୁଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କମିଶନଙ୍କ ପକ୍ଷରୁ ମନ୍ଦିର ପ୍ରଶାସନ ଓ ପୁଲିସ ଅଧିକାରୀଙ୍କୁ ସୁରକ୍ଷାରେ ହୋଇ ପାରିବ ଏହା ଉପରେ ଗୁରୁତ୍ୱାରୋପ କରିବାକୁ କହିଥିଲେ। ହେଲେ ସେବାୟତଙ୍କ ବିବାଦ ଯୋଗୁଁ ନା ସାମନ୍ତ ସେବାୟତଙ୍କ ଘରୁ କ୍ଷୀର ଆସିଲା ନା ଦିଅଁଙ୍କ ନବାଙ୍କ ବେଢ଼ା ନୀତି ହୋଇପାରିଲା। ଫଳରେ ଚଳିତ ବର୍ଷ ମଧ୍ୟ ସେବାୟତଙ୍କ ବିବାଦ ଯୋଗୁଁ ନବାଙ୍କ ନୀତି ବନ୍ଦ ହେଲା।

ମକର ସଂକ୍ରାନ୍ତି ଅବସରରେ ଦୂର ଦୂରାନ୍ତରୁ ଶହ ଶହ ଶ୍ରଦ୍ଧାଳୁ ଏକାମ୍ର କ୍ଷେତ୍ରକୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିବେ ହେଲେ ଏଥର ଦିଅଁ ଏତେ ବଡ଼ ପର୍ବରେ ଉପବାସ ରହିବା ଅନେକ ଶ୍ରଦ୍ଧାଳୁଙ୍କୁ ଆଘାତ ପହଁଚାଇଛି। ଏଥିସହିତ ଆଜି ମକର ଯାତ୍ରା ନହେବା ମଧ୍ୟ ଆଶଙ୍କା କରାଯାଉଛି। ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ।

## ହଂସପାଳ ଛକ ମର୍ମନ୍ତୁଦ ଦୁର୍ଘଟଣା: ଟ୍ରକ୍ ଚାଳକ ଗିରଫ



ହଂସପାଳ, ୧୩।୧(ସମିସ): ୧୬ ନମ୍ବର ଜାତୀୟ ରାଜପଥ ହଂସପାଳ ଛକ ଉପରେ ଗତ ୧୨ ତାରିଖ ରେ ଚାଲକ ହେଉଛେ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଦିଲୀପ ବେହେରା(୩୯)ଙ୍କ ମୃତ୍ୟୁ ଘଟଣାରେ ଟ୍ରକ୍ ଚାଳକ ରାଜସ୍ଥାନ ଭରତପୁର ଜିଲ୍ଲା କମାନ ରୋଡ ପାହାଡ଼ି ଗ୍ରାମର କାଶ୍ମୀର ସିଂ(୫୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି ପାହାଳ ଥାନା ପୋଲିସ। ସୂଚନା ଅନୁସାରେ ୧୨ ତାରିଖ ସନ୍ଧ୍ୟା ସମୟରେ ଦିଲୀପ ଓ ତାଙ୍କ ବନ୍ଧୁ ସୁଶାନ୍ତ ନଖରାରୁ ଘରକୁ ଫେରୁଥିବା ବେଳେ ହଂସପାଳ ସେତୁ ନିକଟରେ ଏକ ଅଶୋକ ଲେଲ୍ୟାଣ୍ଡ କଣ୍ଟେନର ଟ୍ରକ୍ ତାଙ୍କ ପଛକୁ ଧକ୍କା ଦେବା ଫଳରେ ଦିଲୀପ ଟ୍ରକ୍ ଚକା ତଳେ ପଡ଼ି ଯାଇଥିଲେ। ଘଟଣା ସ୍ଥଳରେ ଦିଲୀପଙ୍କ ମୃତ୍ୟୁ ଘଟିଥିବା ବେଳେ ସୁଶାନ୍ତ ମୃତ୍ୟୁ ମୁଖରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ। ଟ୍ରକ୍ ଚାଳକର ଦ୍ରୁତଗତି ଏବଂ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦିଲୀପଙ୍କ ମୃତ୍ୟୁ ଘଟିଥିବା ନେଇ ଦିଲୀପଙ୍କ ପତ୍ନୀ ବିଳାସ ବେହେରା(୩୨) ପାହାଳ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଣିମା ଜେନା ଘଟଣାର ତଦନ୍ତ କରି ଟ୍ରକ୍ ଚାଳକଙ୍କୁ ଗିରଫ କରିଥିଲେ। ଦିଲୀପଙ୍କ ଘର କଟକ ଜିଲ୍ଲା ବାଲିଝରି ଅତଣ୍ଡା ଗ୍ରାମର ହୋଇଥିବା ବେଳେ ସେ ମୈତ୍ରୀ ବିହାର ଥାନା ଆଦିତ୍ୟନଗର ସାଲିଆ ସାହିରେ ନିଜ ପରିବାର ସହ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ।

## 'ମତେ ଘୁଙ୍ଗୁର ପିନ୍ଧିବା ମନା' ମଞ୍ଚସ୍ଥ



ଭୁବନେଶ୍ୱର, ୧୩।୧(ସମିସ): ଭୁବନେଶ୍ୱର: ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୨୨ତମ ବାର୍ଷିକ ଉତ୍ସବର ଦୁଇ ଦିନିଆ କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା 'ମତେ ଘୁଙ୍ଗୁର ପିନ୍ଧିବା ମନା' ନାଟକ, ଯାହାର ସାରଗର୍ଭିତ କଥାବସ୍ତୁ ଓ ସଜୀବ ଅଭିନୟ ଦର୍ଶକଙ୍କୁ ମନୋହର କରିଥିଲା। ଏହି ନାଟକଟି ତ୍ରିନାଥ ବାରିକ ନିର୍ଦ୍ଦେଶନା ଦେଇଥିବା ବେଳେ ଧନେଶ୍ୱର ସାହୁ ଉପନିର୍ଦ୍ଦେଶନା ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଶାସନ ସଚିବ ନରହରି ସେଠୀ, ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ବେହେରା ଓ ମୁକୁଲ ଚନ୍ଦ୍ର ବେରା ଉପସ୍ଥିତ ଥିଲେ। ସାଂସ୍କୃତିକ ପରିଷଦର ସଭାପତି ଜୟକିଶୋର ମିଶ୍ର ସଭାର ଅଧ୍ୟକ୍ଷତା କରିଥିଲେ। ଉତ୍ସବ ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୯ରୁ ସୋଆରେ ଦୁଇ ଦିନିଆ ପୁଷ୍ପ ଉତ୍ସବ

ଭୁବନେଶ୍ୱର, ୧୩।୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ପ୍ରଥମ ସୋଆ ପୁଷ୍ପ ଉତ୍ସବ ଆୟୋଜିତ ହେବ। ଆନ୍ତର୍ଜାତିକ ପୁଷ୍ପ ଦିବସ ପରିପ୍ରେକ୍ଷୀରେ ଜାନୁଆରୀ ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ସୋଆ କ୍ୟାମ୍ପସ-୪ କୃଷି ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବ। ପ୍ରଥମ ଦିବସରେ ଫୁଲର ପ୍ରଦର୍ଶନୀ ସହ ଫୁଲକୁ ନେଇ ଭିନ୍ନ ଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ। ଦ୍ୱିତୀୟ ଦିବସରେ ଫୁଲ ଚାଷର ବୈଜ୍ଞାନିକ ପ୍ରଣାଳୀ, ଫୁଲ ଚାଷ ନିମନ୍ତେ ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ, ବ୍ୟାଙ୍କରୁ ମିଳୁଥିବା କୃଷି ଋଣ ତଥା ପୁଷ୍ପ ଉଦ୍ୟୋଗୀକରଣ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଯାହା ଫୁଲ ଚାଷୀମାନଙ୍କୁ କୃଷି କ୍ଷେତ୍ରରେ ଅନେକ ପ୍ରେରଣା ଯୋଗାଇବ ବୋଲି ସୋଆ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ଆଶା ବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ପୁଷ୍ପ ପ୍ରଦର୍ଶନୀ ନିମନ୍ତେ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଯୋଗଦାନ ପାଇଁ ଏବଂ ପୁଷ୍ପ ସମ୍ବନ୍ଧିତ ଆଲୋଚନାରେ ଭାଗ ନେବା ପାଇଁ ଫୁଲ ଚାଷୀ, ଫୁଲ ଉଦ୍ୟୋଗୀ, ବିଭିନ୍ନ ନର୍ସରୀ, ଅନୁଷ୍ଠାନ ଓ ଫୁଲ ପ୍ରେମୀମାନଙ୍କୁ ଆହ୍ୱାନ କରାଯାଉଥିବା ପୁଷ୍ପ ମହୋତ୍ସବର ପରିଚାଳିକା, ପୁଷ୍ପ ଓ ଭୂଭାଗ ଦୃଶ୍ୟ ଉଦ୍ୟାନ ବିଭାଗର ମୁଖ୍ୟ ପ୍ରଫେସର ଶଶୀକଳା ବେଉରା କହିଛନ୍ତି।

## ଆଶାକିରଣର ବାର୍ଷିକ କ୍ରୀଡ଼ା ଉତ୍ସବ



ବଡ଼ରଘୁନାଥପୁର ୧୩।୧(ସମିସ): ଆଶା କିରଣ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନରେ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ୩ ଦିନିଆ ଉତ୍ସବକୁ ଆନ୍ତର୍ଜାତୀୟ କ୍ରୀଡାବିତ ଗଣେଶ ଜେନା ଉଦ୍‌ଘାଟନ କରିଥିଲେ। ଜଟଣୀ ବ୍ଲକର ସମିତି ସଭ୍ୟ ଅଧକ୍ଷା ଜୟନ୍ତୀ ଛୋଟରାୟ। ଅଙ୍ଗାରପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ମମତା ସାହୁ, ସଭ୍ୟା ସୁମିତ୍ରା ସ୍ୱାଇଁ, ପଳାସପୁର ଗ୍ରାମର ସଭାପତି ମନୋରଞ୍ଜନ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ମୁତାଲିବ ଖାଁ ନିର୍ଦ୍ଦେଶିକା ପ୍ରଫେସର୍ ପୂର୍ଣ୍ଣିମା ପଟ୍ଟନାୟକ, ଅଧ୍ୟକ୍ଷ ପ୍ରଫେସର୍ ଭୀମସେନ ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉତ୍ସବରେ ଦୌଡ କୁଦ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଚେସ, କ୍ୟାରମ ଓ କ୍ରିକେଟ ଭଳି ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଡିଜିଟାଲ ଯୁଗରେ କମ୍ପ୍ୟୁଟର ଏକ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଗେମ ପ୍ରତି ଆକର୍ଷିତ ନ ହୋଇ ଦୌଡ କୁଦ କରିବା ଦ୍ୱାରା ନିଜର ଏକ ସୁନ୍ଦର ସ୍ୱାସ୍ଥ୍ୟ କିପରି ଗଠନ କରାଯାଇପାରିବ ସେହିପରି କ୍ଷେତ୍ରରେ ଏହି କ୍ରୀଡା ଉତ୍ସବରେ ଥିବା ସମସ୍ତ ଅତିଥି ମତଦାନ ଦେଇଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

ନନ୍ଦନକାନନ, ୧୩।୧(ସମିସ):ରାଜଧାନୀ ଉପକଣ୍ଠ ଢାଓ୍ୱା ଗ୍ରାମସ୍ଥିତ ପ୍ରସିଦ୍ଧ ପ୍ରଭୁ ସୋମନାଥଦେବ ପୀଠ ପ୍ରାଙ୍ଗଣରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଣ୍ଡାଙ୍କୁ ଜୀବନ ବ୍ୟାପି ସାଧନା ପୁରସ୍କାରରେ ସମ୍ମାନୀତ କରାଯାଇଛି। ତାଙ୍କ ଜନ୍ମ ଦିବସରେ ଚିତ୍ରସେନ ସ୍ମୃତି କମିଟି ପକ୍ଷରୁ ଏହି ଜୀବନ ବ୍ୟାପି ସାଧନା ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ପଣ୍ଡା ପ୍ରଥମେ ୧୯୬୦ ମସିହାରେ ବାଲିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବେ ଖୁବ୍ ପରିଚିତ ଲାଭ କରିଥିଲେ। ଶ୍ରୀପଣ୍ଡା ୪୧ ବର୍ଷ ଧରି ପିଲାମାନଙ୍କୁ ଶିକ୍ଷାଦାନ ଦେବାସହ ସେମାନଙ୍କ ଭବିଷ୍ୟତ ଗଢି ତୋଳିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନା ନନ୍ଦ ଦାସ, ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ମହାପାତ୍ର, ନିରଞ୍ଜନ ପରିଡ଼ା, ରୋହିତ ରାଉତ, କାଙ୍ଗାଳି ପରିଡ଼ା, ଅଶୋକ ରଥ, ଶିଳ୍ପା ରାୟ ଉପସ୍ଥିତ ଥିଲେ, ତାଙ୍କ ହାତରେ ଶିକ୍ଷାଦାନ ଦେଇ ଗଢିଥିବା ବହୁ ଛାତ୍ର ଆସି ତାଙ୍କୁ ପୂଜା କରିବା ସହ ଆଶିର୍ବାଦ ନେଇଥିଲେ।

## ନାବାଳିକା ଅପହରଣକାରୀକୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୧୩।୧ (ସମିସ): ଇନଫୋସିଟି ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅପହରଣ ଓ ଅସଦାଚରଣ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ଆଡହକ ଆଡିସନାଲ ସେସନ୍ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାରକରି ଅଭିଯୁକ୍ତ ମନୋଜ ଶେଖର ମଲ୍ଲିକକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ୨୦୨୧ ମସିହା ଡିସେମ୍ବର ୨୨ ତାରିଖ ଦିନ ଇନଫୋସିଟି ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ମନୋଜ ଅପହରଣ କରି ନେଇଥିଲା। ବହୁ ଖୋଜାଖୋଜି କରି ନପାଇବାରୁ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଇନଫୋସିଟି ଥାନା ପୁଲିସ କେସ୍ ନଂ - ୨୮୬/୨୧ ରେ ଦଫା - ୩୬୩ ଆଇପିସିରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ଏଏସଆଇ ଏସ୍ ହେମ୍ବ୍ରମ ନାବାଳିକାକୁ ଉଦ୍ଧାର କରିବା ସହ ମନୋଜକୁ ଗିରଫ କରିଥିଲେ। ପରବର୍ତ୍ତୀ ସମୟରେ ଏସ୍‌ଆଇ ଅର୍ପିତା ପ୍ରିୟଦର୍ଶିନୀଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା। ଶ୍ରୀମତୀ ପ୍ରିୟଦର୍ଶିନୀ ତଦନ୍ତକରି ଅଭିଯୁକ୍ତ ମନୋଜ ବିରୁଦ୍ଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୮ ଜଣ ସାକ୍ଷୀଙ୍କ ଜବାନବନ୍ଦୀ ଓ ୫୩ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ମନୋଜକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନର ଧାରା - ୪(୨) ଅନୁଯାୟୀ ୨୦ ବର୍ଷର ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା ଦେବା ସହ ଜୋରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ସେହିପରି ଆଇପିସି ଧାରା ୩୬୩ ଅନୁସାରେ ୭ ବର୍ଷର ସଶ୍ରମ କାରାଦଣ୍ଡ ଏବଂ ୩ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୧ ମାସ କାରାଦଣ୍ଡ ଭୋଗ କରିବାକୁ ଆଦେଶ

- ଅପହରଣ ପରେ କରିଥିଲା ଅସଦାଚରଣ
- ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ

ଦେଇଛନ୍ତି। ଉଭୟ ଦଣ୍ଡାଦେଶ ସମାନ ଭାବେ ଲାଗୁ ହେବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ନାବାଳିକାର ଶାରୀରିକ ଓ ମାନସିକ ଆଘାତକୁ ବିଚାରକରି ସିଆରପିସି ଧାରା ୩୭୫-ଏ ଆଧାରରେ କ୍ଷତିପୂରଣ ବାବଦରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

**କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହର ନିଷ୍ପତ୍ତି**

## ୧୭ରେ ଶ୍ରମ କୋଡ ବିରୁଦ୍ଧରେ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର, ୧୩।୧(ସମିସ): ଆଗାମୀ ଫେବୃୟାରୀ ୧୨ ତାରିଖରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଓ ସ୍ୱାଧୀନ ଫେଡେରେସନ ସମୂହ ମାନଙ୍କ ତରଫରୁ କେନ୍ଦ୍ର ସରକାରଙ୍କର ୪ଟି ଲେବର କୋର୍ଡ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀମାନଙ୍କର ୧୪ ଦଫା ଦାବି, ମହାତ୍ମାଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନାର ପରିବର୍ତ୍ତନ, ବିଦ୍ୟୁତବିଲ୍ ୨୦୨୫, ବିହନ ବିଲ ୨୦୨୫, ଶାନ୍ତିବିଲ ୨୦୨୫, ପେନସନ ବିଲ ଓ ବୀମା ନିଯୁକ୍ତି, ୧୦୦ ପ୍ରତିଶତ ପ୍ରତ୍ୟେକ୍ଷ, ବିଦେଶୀ ପୁଞ୍ଜି ଲଗାଣ ପ୍ରଭୃତି ଜନ ବିରୋଧି ନିତି ବିରୋଧରେ ସର୍ବଭାରତୀୟ ଧର୍ମଘଟ କରାଯିବା ପାଇଁ ନିଷ୍ପତ୍ତି କରାଯାଇଛି। ଆଜି ଆଇଏନ୍‌ଟିୟୁସି ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ପ୍ରାକ୍ତନ ସାଂସଦଙ୍କ ସଭାପତିତ୍ୱରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନତା ଫେଡେରେସନ ସମୂହ ମାନଙ୍କ ବୈଠକରେ ସ୍ଥିର କରାଯାଇଛି। ଫେବୃୟାରୀ ୧୨ ତାରିଖରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ଲାଗି ସମାଜର ବିଭିନ୍ନ ସ୍ତରର ଜନସାଧାରଣ ତଥା ମହିଳା ଯୁବକ, ଛାତ୍ର, ଶ୍ରମିକ, ଆଇନଜୀବି, ସ୍କିମ୍ ୱାର୍କରସ, ପରିବହନ ଶ୍ରମିକ, ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକମାନଙ୍କୁ ସାମିଲ କରିବା ସହିତ ବିଭିନ୍ନ ରାଜନୈତିକ ଦଳଗୁଡ଼ିକୁ ଏ ଧର୍ମଘଟକୁ ସମର୍ଥନ ଦେବା ଲାଗି ନିବେଦନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାଛଡା ଆସନ୍ତା ୧୭ତାରିଖରେ ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହ ମାନଙ୍କର ଓ ରାଜ୍ୟ ସମ୍ମିଳନୀ ଜାନୁୟାରୀ ୧୭ ତାରିଖରେ କରାଯିବାକୁ ନିଷ୍ପତି ହୋଇଅଛି। ଏହି ବୈଠକରେ ଏଆଇଟିୟୁସିର ନେତା ବିଜୟ ଜେନା, ଏଚଏମଏସର ବିଏନ ମହାପାତ୍ର, ସିଆଇଟିୟୁର ନେତା ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ନେତା ରାଧାକାନ୍ତ ସେଠୀ, ବେଫିର ଅଜୟ ମହାନ୍ତି, କେନ୍ଦ୍ର ସରକାରୀ କର୍ମଚାରୀ ସମନ୍ୱୟ ସଂଗଠନର ନେତା ବୃହସ୍ପତି ସାମଲ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ସଂଯୋଜକ ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ଭାବନା ପକ୍ଷରୁ ମକର ମହକ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୧(ସମିସ): ଓଡ଼ିଆ ଜନଜୀବନରେ ପରସ୍ପର ସହ ମକର ବସି ବନ୍ଧୁତ୍ୱ ଦିବସ ଭାବେ ପାଳନ ହେଉଥିବା ମକର ସଂକ୍ରାନ୍ତି ଉପଲକ୍ଷେ ସମ୍ଭାବନା ପକ୍ଷରୁ ଦୁଇଦିନିଆ ମକର ମହକ ଉଦଘାଟିତ ହୋଇଛି। ଏକାମ୍ର ହାଟଠାରେ ଏହି ଉତ୍ସବ ଓଡ଼ିଆଣୀଙ୍କ ମଧ୍ୟରେ ଓଡ଼ିଆ ବ୍ୟଞ୍ଜନ ଥାଳି, ଫୁଲସଜ୍ଜା ସହ ଶିଶୁ-କିଶୋରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟରେ ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପ୍ରମୁଖ ଅତିଥି ଭାବେ ବିଶ୍ୱ ଓ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆଙ୍କ ସମେତ ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡିଆଣୀ ଉପସ୍ଥିତ ଥିଲେ। ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ।ଏହାସହ ପ୍ରଣବ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ପ୍ରଣବ ସଙ୍ଗୀତ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ମହୋତ୍ସବ

## ଜୟଦେବ ବିହାର ଫ୍ଲାଏଓଭରରେ ଦୁର୍ଘଟଣା; ୨ଗୁରୁତର

ଭୁବନେଶ୍ୱର, ୧୩।୧(ସମିସ): ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ଜୟଦେବ ବିହାର ଫ୍ଲାଏ ଓଭରରେ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଛି। ଯାହା ଫଳରେ ବାଇକ୍‌ରେ ଆସୁଥିବା ଜଣେ ପୁଲିସ ଏବଂ ତାଙ୍କ ମହିଳା ବନ୍ଧୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି।

## ଲିଙ୍ଗରାଜ ମନ୍ଦିର ସାମ୍ନାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାକୁ ନେଇ ଅସନ୍ତୋଷ

ଭୁବନେଶ୍ୱର, ୧୩।୧(ସମିସ): ଲିଙ୍ଗରାଜ ମନ୍ଦିର ନିକଟରେ ମହିଳା ମାନଙ୍କ ଏକ ବ୍ୟୁଇଟି ହେଲ୍‌ଥ୍ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏହାକୁ ନେଇ ସୋସିଆଲ୍ ମିଡ଼ିଆରେ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ସଧାରଣତଃ ଏହି ପ୍ରତିଯୋଗୀତାରେ ମହିଳା ବଡିବିଲ୍ଡର ମାନେ ଛୋଟ ପୋଷାକ ପରିଧାନ କରି ବଡିବିଲ୍ଡିଂର ବିଭିନ୍ନ କୌସଳ ପ୍ରଦର୍ଶନ କରିଥାନ୍ତି। ଏହାକୁ ଏକ ଖେଳ ଭାବେ ଦେଖାଯାଉଥିଲେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଲିଙ୍ଗରାଜ ମନ୍ଦିର ନିକଟରେ ଆୟୋଜନକୁ ନେଇ ସୋସିଆଲ ମଡିଆରେ ବହୁ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବାଲିପାଟଣା, ୧୩।୧(ସମିସ): ପ୍ରଧାନମନ୍ତ୍ରୀ ବିଦ୍ୟାଳୟ ଉଦୟ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପିଏମଶ୍ରୀ ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବର ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅର୍ଣ୍ଣବ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ, ସ୍ୱତନ୍ତ୍ର ଅତିଥି ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି, ସମାଜସେବୀ ସାରଦା ପ୍ରସାଦ ଶତପଥୀ, ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ୍ ପ୍ରଭାତ କୁମାର ରଥ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ପରିଚାଳନା ପରିଷଦ ସଭାପତି ଚନ୍ଦ୍ରଶେଖର ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କୃତି ଛାତ୍ର ଛାତ୍ରୀ ଓ ସାମ୍ବାଦିକ ମାନଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ।କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ କପିଳେଶ୍ୱର ସ୍ୱାଇଁ ଓ ଶିଶିର କୁମାର ପାଢ଼ୀ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମନ୍ତ୍ରୀ ମହୋଦୟ କାର୍ଯ୍ୟକ୍ରମକୁ ଯିବା ରାସ୍ତାରେ ବେଙ୍ଗବତି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

## ବଳିଦାନ ଦିବସରେ ପଦ୍ମନାଭ ଛୋଟରାୟଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୩।୧(ସମିସ):ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପାଇକ ନେତା ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୦୩ତମ ବଳିଦାନ ଦିବସ ମଙ୍ଗଳବାର ବଡ଼ଗଡ଼ରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମନାଭ ଛୋଟରାୟ ଟ୍ରଷ୍ଟର ସଭାପତି ଦିଲ୍ଲୀପ ହାଲି ସଭାପତିତ୍ୱ କରି ଶହୀଦଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟର ସଦସ୍ୟ ସମାଜସେବୀ ପ୍ରତାପ ଜେନା, ଲକ୍ଷ୍ମୀଧର ବେହେରା, ଭୀମସେନ ସାମନ୍ତରାୟ, ସୁଧୀର ପରିଡ଼ା, ପଣ୍ଡିତ ଗିରିଜା ମହାପାତ୍ର, କର୍ପୋରେଟର ଅଜିତ ବେହେରାଙ୍କ ସମେତ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ରହି ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଯତୀନ୍ଦ୍ର ମୋହନ ଛୋଟରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନା ଅନୁସାରେ, ଆଜକୁ ଠିକ୍ ୨୦୩ ବର୍ଷ ପୂର୍ବେ ଇଂରେଜ ଶାସକ ବିଶ୍ୱାସଘାତକ ମାନଙ୍କ ସାହାଯ୍ୟରେ ପାଇକବୀର ଶହୀଦ ପଦ୍ମନାଭ ଛୋଟରାୟଙ୍କୁ ଧରି ବାଲିଅନ୍ତା ନିକଟବର୍ତ୍ତୀ ପଥରକୋଟଠାରେ ଏକ ବରଗଛରେ ବାନ୍ଧି ଫାଶିଦଣ୍ଡ ଦେଇଥିଲେ।

**ପଟ୍ଟଚିତ୍ର ଦେଇଛି ପରିଚୟ**

## ତୂଳୀ ମୂନରେ ପୁରାଣ କଥା, ପୁରୁଣା ଚଳଚ୍ଚିତ୍ର

ଭୁବନେଶ୍ୱର, ୧୩।୧(ସମିସ): ପାରମ୍ପରିକ ପଟ୍ଟଚିତ୍ର ଓଡ଼ିଶାର ପରିଚୟ। ଏହାକୁ ନେଇ ଅନେକ କାରିଗର ନିଜ ଜୀବିକା ନିର୍ବାହ କରନ୍ତି। ଅନେକ ଏହାକୁ ନେଇ କଳାକୃତିରେ ଦେବାଦେବୀଙ୍କ ପଟ୍ଟଚିତ୍ର ଆଙ୍କିଥାନ୍ତି। ତ ଆଉ କିଏ ପଟ୍ଟଚିତ୍ରକୁ ନେଇ ନୂଆ ଧାରାର କଳାକୃତି ମଧ୍ୟ କରି ଲୋକଙ୍କୁ ଆକର୍ଷିତ କରନ୍ତି। ଯାହାର ସଫଳ ପ୍ରୟାସ କରିବାକୁ ଚେଷ୍ଟା କରନ୍ତି ରଶ୍ମିରଞ୍ଜନ।



ଏ ହେଉଛନ୍ତି ଚିତ୍ରଶିଳ୍ପୀ ରଶ୍ମିରଞ୍ଜନ ମହାପାତ୍ର। ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ତାଙ୍କ ଘର। ହେଲେ ବର୍ତ୍ତମାନ ସେ ପୁରୁଣା ଭୁବନେଶ୍ୱରରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହି ଏହି କାରିଗରୀ କରିବା ସହ ସେ ସମ୍ପର୍କରେ ଆହୁରି ଶିକ୍ଷା ଲାଭ କରୁଛନ୍ତି। ଓଡ଼ିଶାର ପାରମ୍ପରିକ କଳା ଓ ପୁରାଣକଥାକୁ ନେଇ ସେ ଦୀର୍ଘ ବର୍ଷଧରି ପଟ୍ଟଚିତ୍ର ତିଆରି କରୁଛନ୍ତି। ସେ କୁହନ୍ତି, ତାଙ୍କ ପୁରା ପରିବାର ପିଢି ପରେ ପିଢି ଏହି ପରମ୍ପରା ସହ ଜଡିତ। ପରେ ପରେ ସେହି ପାଠ୍ୟକ୍ରମରେ ପଢ଼ିବାକୁ ମନସ୍ଥକରି ସିଡାକ୍‌ରେ ଶିକ୍ଷା ଗ୍ରହଣ କଲେ। ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଏକ ନୂଆ ପରିଚୟ ମଧ୍ୟ ଦେଲା। ସେ ଆଙ୍କିଥିବା ପଟ୍ଟଚିତ୍ରରେ ଦେବାଦେବୀଙ୍କ ଫଟୋ ସମେତ ଓଡ଼ିଶାର ପାରମ୍ପରିକ କଳା ଓ ପୁରାଣକଥା ଦେଖିବାକୁ ମିଳେ। ହେଲେ ନିକଟରେ ସେ ନିଜ କାରିଗରୀରେ ଆଉ ଏକ ପ୍ରଚେଷ୍ଟାରେ ଶିଳ୍ପୀ ରଶ୍ମିରଞ୍ଜନ। ଫିଲ୍ମ ହେରିଟେଜ ଫାଉଣ୍ଡେସନ ପକ୍ଷରୁ ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳାରେ ଏପରି କିଛି କଳାକୃତି ପ୍ରଦର୍ଶନ ସଫଳ ହୋଇଛନ୍ତି। ଗତ କିଛି ମାସ ତଳେ ୧୭ ଲୁପ୍ତପ୍ରାୟ ଲୋକପ୍ରିୟ ଓଡିଆ ଚଳଚ୍ଚିତ୍ରକୁ ପଟ୍ଟଚିତ୍ରର ରୂପ ଦେଇ ପୁରସ୍କୃତ ହୋଇଛନ୍ତି







କରିଥିଲେ। କିଛି ହଜି ଯାଇଥିବା ଓ ମିଳୁନଥିବା କାଳଜୟୀ ଓଡିଆ ସିନେମାକୁ ସେ ପଟ୍ଟଚିତ୍ରରେ ଆଙ୍କି ଦେଖାଇଥିଲେ। 'ସୀତା ବିବାହ'ଠୁ ଆରମ୍ଭକରି 'କନକଲତା' ଭଳି ମୋଟ ୧୭ଟି ଓଡିଆ ଚଳଚ୍ଚିତ୍ରକୁ ତୁଳୀରେ ସଜେଇଥିଲେ। ବର୍ତ୍ତମାନ ସେ ଏକ କଳା ଅନୁଷ୍ଠାନରେ କାର୍ଯ୍ୟ କରିବା ସହ ଲୋକଙ୍କ ଅର୍ଡର ଅନୁଯାୟୀ ପଟ୍ଟଚିତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କାଞ୍ଚି ଅଭିଯାନ, ଶ୍ରୀ ରାମଚନ୍ଦ୍ରଙ୍କ ନୈକାଯାତ୍ରା, ଜଗନ୍ନାଥଙ୍କ ବିଭିନ୍ନ ବେଶ, ନର୍ତ୍ତକୀ, ବୈଇତ ବନ୍ଦାଣ ଆଦି କରିବା ସହ ବିଭିନ୍ନ ପଶୁପକ୍ଷୀଙ୍କ କାଗଜ ମୁଖା ମଧ୍ୟ ତିଆରି କରିଥାନ୍ତି। ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟରେ ଆୟୋଜିତ ହେଉଥିବା କର୍ମଶାଳା ଏବଂ ପ୍ରଦର୍ଶନୀରେ ମଧ୍ୟ ଭାଗ ନେଇ ନିଜ କାରିଗରୀକୁ ପ୍ରଦର୍ଶିତ କରିଛନ୍ତି। ତାଙ୍କର ଏହି ଗୋଟିଏ ଗୋଟିଏ ଚିତ୍ରର ମୂଲ୍ୟ ପ୍ରାୟ ୫ ଶହ ଟଙ୍କାରୁ ଆରମ୍ଭ ହୋଇ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ।



# ଖୁବ୍‌ଶୀଘ୍ର 'ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ' ପୁନରୁଦ୍ଧାର

ଭୁବନେଶ୍ୱର, ୧୩।୧(ସମିସ): ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀର ହେବ ପୁନରୁଦ୍ଧାର। ଏଥିପାଇଁ ଟେଣ୍ଡର ପ୍ରୋସେସ୍ ଆରମ୍ଭ ହୋଇଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ଟେଣ୍ଡର ହୋଇ ଖୁବଶିଘ୍ର କାମ ଆରମ୍ଭ କରାଯିବ। ପୂର୍ବଭଳି ଏହି ପୁଷ୍କରିଣୀ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବ। ପୁଷ୍କରିଣୀ ଚାରିପାଖରେ ରହିଥିବା ପାଚେରୀକୁ ଆକର୍ଷଣୀୟ ଭାବେ ଚିତ୍ରିତ କରାଯିବ। ପ୍ରତି ଚିତ୍ରରେ ରହିବ ବିଭିନ୍ନ ସଚେନତା ବାର୍ତ୍ତା। ସେହିପରି ଲୋକଙ୍କ ସବୁିଧା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ। ପିଇବା ପାଣି, ଶୌଚାଳୟ ସୁବିଧା ସାଙ୍ଗକୁ ବୋରିଂ ବ୍ୟବସ୍ଥା ରହିବ। ଏଥିପାଇଁ ଖର୍ଚ୍ଚ ହେବ ୩୦ଲକ୍ଷ ଟଙ୍କା।




■ ପୁଣି ଖର୍ଚ୍ଚ ହେବ ୩୦ଲକ୍ଷ
■ ଚଳିତ ମାସ ଶେଷ ସୁଦ୍ଧା ହେବ ଟେଣ୍ଡର
■ ପୂର୍ବଭଳି ପଥଚାରୀଙ୍କୁ ଆକୃଷ୍ଟ କରିବ

ସହର ମଧ୍ୟରେ ଗାଁର ଅନୁଭୂତି ଦେବାକୁ ବରମୁଣ୍ଡା ଜାତୀୟ ରାଜପଥ କଡ଼ରେ ନିର୍ମାଣ ହୋଇଥିଲା 'ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ'। ପ୍ରାୟ ୫ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ପୁଷ୍କରିଣୀଟି ବ୍ୟବହାର ଯୋଗ୍ୟ ହୋଇନଥିବାରୁ ବର୍ତ୍ତମାନ ଏହାର ମୁଖ୍ୟ ଫାଟକରେ ତାଲା ଝୁଲୁଛି। ୨୦୨୦ ମସିହା ଅକ୍ଟୋବର ମାସ ୧୯ ତାରିଖରେ ଏହି ପୁଷ୍କରିଣୀର ପୁନରୁଦ୍ଧାର କରାଯାଇଥିଲା। ପୂର୍ବରୁ ଏହା ରାସ୍ତାର ଅପରପାର୍ଶ୍ୱରେ ରହିଥିବା ବେଳେ ବରମୁଣ୍ଡା ଫ୍ଲାଏଓଭର ନିର୍ମାଣ ସମୟରେ ପୋଖରୀର ପୁନରୁଦ୍ଧାର କରାଯିବାକୁ ସ୍ଥାନୀୟ ଲୋକେ ଦାବୀ କରିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଅପର ପାର୍ଶ୍ୱରେ ଏକ ପୋଖରୀ ନିର୍ମାଣ କରାଯାଇ ପୂର୍ବ ପୁଷ୍କରିଣୀ ଅନୁସାରେ ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ ରଖାଯାଇଥିଲା। ଏଥିପାଇଁ ପର୍ଯ୍ୟଟନ ବିଭାଗ ଅର୍ଥରାଶି ଯୋଗାଇଥିଲା। ତେବେ ପୁଷ୍କରିଣୀକୁ ଅତ୍ୟାଧୁନିକ ରୂପ ଦିଆଯିବାକୁ ଖର୍ଚ୍ଚ ହୋଇଥିଲା ୨୦ଲକ୍ଷ ଟଙ୍କା। ଚାରିପାଖ ପାଚେରୀ ନିର୍ମାଣ ସହ ସେଥିରେ ଐତିହାସିକ କଥାବସ୍ତୁ ଉପରେ ଆଧାରିତ ଚିତ୍ର, ଜଳଜୀବମାନଙ୍କ ଚିତ୍ର କରାଯାଇ ବେଶ୍ ଆକର୍ଷଣୀୟ ହୋଇଥିବାରୁ ପ୍ରତ୍ୟେକ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା ଏହି ପୁଷ୍କରୀଣୀ। ଏଠାରେ ବରମୁଣ୍ଡା ଗାଁ ଲୋକଙ୍କ ସମେତ ବରମୁଣ୍ଡା ବସଷ୍ଟାଣ୍ଡ ଯାତ୍ରୀ, ବସ୍ ଚାଳକମାନେ ଶୌଚ କରିବା ସହ ଗାଧୋଇଥାନ୍ତି। ଏଥିରେ ମଟର ଲଗାଯାଇ ବୋରିଂ ଯୋଗେ ସ୍ୱଚ୍ଛ ପାଣି ଭର୍ତ୍ତି କରାଯିବା ସହ ଆବର୍ଜନା ପାଣି ନିଷ୍କାସନ କରାଯାଇଥାଏ। କିନ୍ତୁ, ବିଡ଼ମ୍ବନାର ବିଷୟ ୫ବର୍ଷ ହେବ ମଟର ଅଚଳ ସାଙ୍ଗକୁ ଆବର୍ଜନା ପାଣି ନିଷ୍କାସନ ହେଉ ନଥିବାରୁ ଅଳିଆ, ଆବର୍ଜନା ଜମି ରହି ପୁଷ୍କରିଣୀଟି ପୋତି ହୋବକୁ ବସିଲାଣି। ଏଠାରେ ଦଶାହ କାର୍ଯ୍ୟ କରାଯିବାକୁ ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ଦଶାହ କାର୍ଯ୍ୟ ପରେ ସେଠାରେ ମାଟି ହାଣ୍ଡି, ପୁରୁଣା ପୋଷାକକୁ ଲୋକମାନେ ସେହିଠାରେ ପକାଇ ଦେଇ ଯାଉଥିବାରୁ ତାହା ଗଦା ହୋଇ ରହିଛି। ଯାହାକି ଏହି ଷ୍ପୁଷ୍କରିଣୀର ସୌନ୍ଦର୍ଯ୍ୟ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଏନେଇ ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂହ କହିଛନ୍ତି ଯେ, ମୋ ପୋଖରୀ ଯୋଜନାରେ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଏସଏଚଜିଙ୍କୁ ୧୨ ଲକ୍ଷ ଟଙ୍କାର ୱାର୍କ ଅର୍ଡର ଦିଆଯାଇଥିଲା। ପରେ ଅମୃତ ଯୋଜନା ଏବଂ ଏମ୍ଏଲଏ ଲ୍ୟାଡ୍‌ରେ କାମ କରାଯିବାକୁ ପ୍ରସ୍ତାବ ଦିଆଯିଥିବା ବେଳେ ବର୍ତ୍ତମାନ ଏହାର ପୁନରୁଦ୍ଧାର ପାଇଁ ଟେଣ୍ଡର ପ୍ରୋସେସ୍ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ଟେଣ୍ଡର ହୋଇ କାମ ଆରମ୍ଭ ହେବ। ପୂର୍ବରୁ ପୁଷ୍କରିଣୀଟି ଯେଉଁଭଳି ଭାବେ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା ତାଠାରୁ ଅଧିକ ଆକର୍ଷଣୀୟ ହେବ। ଏହାର ରକ୍ଷଣାବେକ୍ଷଣ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯିବ।

● ଜାନୁଆରୀ ୨୬ରୁ 'ଆଦିବାସୀ ମେଳା-୨୦୨୬'

## ସଜେଇ ହେଉଛି ଆଦିବାସୀ ପଡ଼ିଆ

ଭୁବନେଶ୍ୱର, ୧୩।୧(ସମିସ): ଚଳିତବର୍ଷ ଜାନୁଆରୀ ୨୬ ତାରିଖରୁ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେବ 'ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୬'। ଏଥିପାଇଁ ସଜେଇ ହେଉଛି ଆଦିବାସୀ ପଡ଼ିଆ। ଚଳିତ ବର୍ଷ ମେଳା ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ଜନଜାତିଙ୍କ ବିଭିନ୍ନ କାରିଗରୀ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରିବଟା ପାଇଁ ବ୍ୟବସ୍ଥା ହୋଇଛି। ଏହାସହ ୧୦ଟି ଘର ବା ଆଦିବାସୀ ଗ୍ରାମରେ ଝଲସିବ ଜନଜାତିଙ୍କ ଜୀବନଶୈଳୀ। ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରକୋଷ୍ଠ, ଆଦିବାସୀ ହାଟ, ଆଦିବାସୀ କଳା ସାମଗ୍ରୀ, ଖାଦ୍ୟ ବଜାର ଆଦି ମେଳାର ଆକର୍ଷଣ ପାଲଟିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ପ୍ରଦର୍ଶିତ ଜନଜାତିଙ୍କ କାରିଗରୀ ଓ ହସ୍ତଶିଳ୍ପ ସାମଗ୍ରୀ**

ସୂଚନା ଅନୁସାରେ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା ୬୨ଶ୍ରେଣୀର ଆଦିବାସୀ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ପ୍ରତିବର୍ଷ ରାଜଧାନୀ ଭୁବନେଶ୍ୱରରେ 'ଆଦିବାସୀ ମେଳା' ଆୟୋଜନ କରାଯାଇଥାଏ। ଆଦିବାସୀମାନଙ୍କର ହସ୍ତଶିଳ୍ପ, କଳାକୃତି, କୃଷିଜାତ ସାମଗ୍ରୀ ଏବଂ ସେମାନଙ୍କ ଦ୍ୱାରା ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟ ଗୁଡ଼ିକ ପ୍ରଦର୍ଶିତ କରାଇବା ଓ ସେସବୁର ବିକ୍ରି ନିମନ୍ତେ ଏକ ବଜାର ସୃଷ୍ଟି କରିବା ମେଳାର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ବେଳେ ଜନଜାତି ବର୍ଗଙ୍କର ସଂସ୍କୃତି, ନୃତ୍ୟ, ସଙ୍ଗୀତ ଓ ଜୀବନଯାପନ ଶୈଳୀକୁ ରାଜ୍ୟ ବାସୀଙ୍କ ସହ ପରିଚିତ କରାଇବା ମଧ୍ୟ ଅନ୍ୟ ଏକ ଲକ୍ଷ୍ୟ। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପୃଷ୍ଠପୋଷକତାରେ ଏହି ମେଳା ଅନୁଷ୍ଠିତ ହୋଇଆସୁଛି। ୧୯୫୧ ମସିହାରୁ ଏହି ମେଳା କଟକରେ ଅନୁଷ୍ଠିତ ହେଉଥିବାବେଳେ ୧୯୫୪ ମସିହାରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଥିଲା।

## ହାଇଟେକ୍‌ରେ ଜାତୀୟ ଦନ୍ତ ଚିକିତ୍ସା ସମ୍ମିଳନୀ



ଭୁବନେଶ୍ୱର, ୧୩।୧(ସମିସ): ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲ ପ୍ରେକ୍ଷାଳୟରେ ଜାତୀୟ ସମନ୍ୱିତ ଅର୍ଥଡୋକ୍ ଦକ୍ଷତା କର୍ମଶାଳାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସାରା ଭାରତରୁ ସୁଦକ୍ଷ ଦନ୍ତ ଚିକିତ୍ସକମାନେ ଯୋଗଦେଇ ଦନ୍ତ ଚିକିତ୍ସା ପ୍ରଣାଳୀର ବୈଜ୍ଞାନିକ ପଦ୍ଧତି ଉପରେ ବିଶେଷାତ୍ମକ ଗବେଷଣାର ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲର କାର୍ଯ୍ୟକାରୀ ଅଧକ୍ଷା ଇଂ ମଧୁସ୍ମିତା ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଆଇଓଏସ୍ ସଭାପତି ପ୍ରଫେସର୍ ଡ. ଶ୍ରୀଦେବୀ ପଦ୍ମନାଭନ, ଉପସଭାପତି ପ୍ରଫେସର୍ ଡ. ସର୍ବରାଜ କୋହଲି, ନିର୍ବାଚିତ ସଭାପତି ପ୍ରଫେସର୍ ଡ. ସୂର୍ଯ୍ୟକାନ୍ତ ଦାସ, ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲ ପ୍ରିନ୍ସିପାଲ ପ୍ରଫେସର୍ ଡ. ସଂଗ୍ରାମ ପାତ୍ର, ଏସ୍‌ସିବି ଡେଣ୍ଟାଲ କଲେଜ ପ୍ରିନ୍ସିପାଲ ପ୍ରଫେସର୍ ଡ. ପ୍ରଭାସ କୁମାର ମହାନ୍ତି, ଓଡ଼ିଶା ରାଜ୍ୟ ଡେଣ୍ଟାଲ କାଉନ୍‌ସିଲ ସଭାପତି ପ୍ରଫେସର୍ ଡ. ଆଶିଷ୍ କୁମାର ବାରିକ୍, ଆୟୋଜକ ଅଧକ୍ଷ ପ୍ରଫେସର୍ ଡ. ସୁବାଷ ଚନ୍ଦ୍ର ନାୟକ, ସଙ୍ଗଠନ ସଚିବ ପ୍ରଫେସର୍ ଡ. ଆନନ୍ଦ ଗରାବଡୁ ପ୍ରମୁଖ ଯୋଗ ଦେଇଥିଲେ।

## ଆଇଆଇଏମ୍‌ଟିରେ ଜାତୀୟ ଯୁବ ଦିବସ



ଭୁବନେଶ୍ୱର, ୧୩।୧(ସମିସ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି ବା ଆଇଆଇଏମଟି ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୪ତମ ଜନ୍ମଜୟନ୍ତୀ 'ଜାତୀୟ ଯୁବ ଦିବସ' ଭାବରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ 'ସ୍ୱଦେଶୀ ଓ ସ୍ୱାବଲମ୍ବନ' ବିଷୟରେ ଆଲୋଚନା କରାଯାଇଥିଲା। ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଆଇଆଇଏମଟି ଏସୋସିଏଟ୍ ଡିନ୍ ସୋମା ମିତ୍ର ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର ସ୍ୱଦେଶୀ ଓ ସ୍ୱାବଲମ୍ବନ ବିଷୟରେ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଇଆଇଏମଟି ପକ୍ଷରୁ ଦୁଇଜଣ ଛାତ୍ର ଲମ୍ବୋଧର ଜେନା ଓ କିରଣ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଡାଇରେକ୍ଟର ଡ. ଜୟଦେବ କର ଜାତି ଗଠନରେ ସ୍ୱାବଲମ୍ବନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ପ୍ରଫେସର ଡ. କବିରାଜ ସେଠୀ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଜାତୀୟ ଯୁବ ଦିବସ

ଭୁବନେଶ୍ୱର, ୧୩।୧(ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଜାନୁଆରୀ ୧୨ ଓ ୧୩ ତାରିଖ ଦୁଇ ଦିନଧରି ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଏବଂ ଦେଶସେବାର ଚେତନାକୁ ପ୍ରୋତ୍ସାହନ କରିବା ପାଇଁ ଏହି ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନରେ 'ସବୁଜ କଣିକାର ରହସ୍ୟ' ବିଷୟରେ ଏକ ପ୍ରୟୋଗାତ୍ମକ କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ସେହିଭଳି ଶେଷ ଦିନରେ 'ବିକଶିତ ଭାରତ ଗଠନ ପାଇଁ ଯୁବାଶକ୍ତିର ଭୂମିକା' ବିଷୟରେ ଏକ ନିବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଅବସରରେ 'ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ଦୃଷ୍ଟିକୋଣ ଏବଂ ବିକଶିତ ଭାରତ ଗଠନରେ ଯୁବାଶକ୍ତିର ଭୂମିକା' ବିଷୟରେ ଏକ ଅଭିଭାଷଣ ରାମକୃଷ୍ଣ ମିଶନର ସଚିବ ସ୍ୱାମୀ ଆତ୍ମପ୍ରଭାନନ୍ଦ ପ୍ରଦାନ କରିଥିଲେ।

## 'ଗଙ୍ଗାଧରଙ୍କ ସାହିତ୍ୟ କାଳଜୟୀ'



ଭୁବନେଶ୍ୱର, ୧୩।୧(ସମିସ): ପୌରାଣିକ କାହାଣୀ ଓ ଆଧୁନିକତାର ଅବଲମ୍ବନରେ ରଚିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟକବିତା କାଳଜୟୀ ହୋଇ ରହିବ ବୋଲି ସାହିତ୍ୟ ଅକାଦେମି ଓ ଗଙ୍ଗାଧର ମେହେର ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଗଙ୍ଗାଧର ମେହେର' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଡ. ଗୌରହରି ଦାସଙ୍କ ସଭାପତିତ୍ୱରେ ମଙ୍ଗଳବାର ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟଠାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାହିତ୍ୟକ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ରାଜ୍ୟ ନିର୍ବାଚନ ଆୟୋଗ ସଞ୍ଜୀବ ଚନ୍ଦ୍ର ହୋତା, ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର ଯୋଗ ଦେଇ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ସାହିତ୍ୟକ ତଥା ଶିକ୍ଷାବିଦ୍ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ମୂଳ ଭାଷଣ ପ୍ରଦାନ କରିଥିଲେ। ସାହିତ୍ୟ ଅକାଦେମି କୋଲକାତାର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହିପରି ଦ୍ୱିତୀୟ ଅଧିବେଶନରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ସଭାପତିତ୍ୱ କରିଥିଲେ। ଏହି ଆଲୋଚନାଚକ୍ରରେ ଡ. ମନୋଜ କୁମାର ପଣ୍ଡା, ଡ. ଶୁକମୁନି ମେହେର, ବିଜୟିନୀ ଶତପଥୀ, ଡ. ସୁଶୀଲ କୁମାର ବାଗ୍ ଯୋଗଦେଇ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଅବସରରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ମୁଁ ଗଙ୍ଗାଧରଙ୍କ ଆତ୍ମଜ କହୁଛି' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ନିବେଦିତା ମହାନ୍ତି ପରିଚାଳନା କରିଥିଲେ।

## ପାଲା ଗାୟକଙ୍କ ସମସ୍ୟାକୁ ସମାଧାନ କରନ୍ତୁ ରାଜ୍ୟ ସରକାର

**ଛଅ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ**

ଭୁବନେଶ୍ୱର, ୧୩।୧(ସମିସ): ରାଜ୍ୟସ୍ତରୀୟ ପାଲା କଳାକାରମାନଙ୍କ ସଂଗଠନ ପାଇଁ ରାଜଧାନୀରେ ୧ ଏକର ସରକାରୀ ଜମି ବିନା ମୂଲ୍ୟରେ ଯୋଗାଇଦେବା ସହ ତତ୍କାଳୀନ କାର୍ଯ୍ୟାନ୍ୱୟନ ପାଇଁ ଗୋଟିଏ ସରକାରୀ କ୍ୱାର୍ଟର୍ସ ଯୋଗାଇ ଦିଅନ୍ତୁ ରାଜ୍ୟ ସରକାର। ଯେଉଁଠାରେ ପାଲା ପ୍ରଶିକ୍ଷଣ, ପାଠାଗାର, ଗବେଷଣା ଓ ସଭାଗୃହ ଇତ୍ୟାଦି ସୁବିଧା ଥିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିଛି କରିଛି ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ। ପାଲା କଳାକାରମାନଙ୍କର ଅସୁବିଧାକୁ ଦୂର କରିବାକୁ ସରକାରଙ୍କୁ ଛଅ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି ପରିଷଦର ସଦସ୍ୟମାନେ। ତେବେ ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ରହିଛି, ପାଲା ଏକାଡ଼େମୀ ପ୍ରତିଷ୍ଠା ସହ ରାଜ୍ୟସାରା ସବୁ ଜିଲ୍ଲାରେ ଏକ ସମୟରେ ଦୁଇଟି ପର୍ଯ୍ୟାୟରେ ପୁରାତନ ସାଂସ୍କୃତିକ ବିଭବ 'ପାଲା'ର ପ୍ରଶିକ୍ଷଣ ବ୍ୟବସ୍ଥା ପଲା ରିପୋର୍ଟରୀ ବ୍ୟବସ୍ଥା କରାଯାଉ। ଯେଉଁଥିରେ ପ୍ରଶିକ୍ଷଣ ଗ୍ରହଣ କରୁଥିବା ପାଲା କଳାକାର ଓ ପାଲା ଗୁରୁମାନଙ୍କୁ ପାରିତୋଷିକ ବ୍ୟବସ୍ଥା ଥିବା ଆବଶ୍ୟକ। ଏହାସହ ସଡ଼କ ଦୁର୍ଘଟଣାରେ ଆହତ ଓ ମୃତ କଳାକାରମାନଙ୍କ ପରିବାରଙ୍କୁ ଦୁର୍ଘଟଣାଜନିତ ସହାୟତା ରାଶି ଅନ୍ୟୁନ ୩ଲକ୍ଷ ଟଙ୍କା ପ୍ରଦାନ, ଦୁସ୍ଥ ଚିକିତ୍ସାଧୀନ ପାଲା କଳାକାରମାନଙ୍କ ଲାଗି ଉଦ୍ଦିଷ୍ଟ ପାଲା କଲ୍ୟାଣ ପାଣ୍ଠି ଟ୍ରଷ୍ଟ ବୋର୍ଡର ଜମା ରାଶି ଆଶାନୁରୂପ ନୁହେଁ। ଏହି ଟ୍ରଷ୍ଟ ଫଣ୍ଡକୁ ୫ କୋଟି ଟଙ୍କା ଅର୍ଥ ସାହାଯ୍ୟ ଦିଆଯିବା ଉଚିତ୍। ଯାହା ଫିକ୍ସଡ ଡିପୋଜିଟ୍ ହେଲେ ତାହାର ଲବ୍ଧ ସୁଧ ଟଙ୍କାରେ ଆଶାନୁରୂପ ସହାୟତା ପ୍ରଦାନ କରାଯାଇପାରିବ। ପାଲା କଳାକାରମାନଙ୍କର ସ୍ୱାସ୍ଥ୍ୟବୀମା ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରାଯିବା ଏବଂ ସରକାରୀ ଉତ୍ସବ ଅନୁଷ୍ଠାନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା ପରିବେଷଣ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆଦି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପରିଷଦର ସଦସ୍ୟମାନେ ଆଶାବ୍ୟକ୍ତ କରିଛନ୍ତି।

## ଚତୁର୍ଥ ଏକମ୍ ଅନ୍ତଃରାଷ୍ଟ୍ରୀୟ ଶାସ୍ତ୍ରୀୟ ଏକକ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର, ୧୩।୧(ସମିସ): ପ୍ରାଜ୍ଞା ନୃତ୍ୟାୟନ୍ ପକ୍ଷରୁ ଚତୁର୍ଥ ଏକମ୍ ଅନ୍ତଃରାଷ୍ଟ୍ରୀୟ ଶାସ୍ତ୍ରୀୟ ଏକକ ନୃତ୍ୟ ମହୋତ୍ସବ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଅତିଥି ଭାବେ ପଦ୍ମଶ୍ରୀ ଓଡିଶୀ ନୃତ୍ୟ ଗୁରୁ କୁମ୍‌କୁମ୍ ମହାନ୍ତି, ଓଡିଶୀ ନୃତ୍ୟ ଗୁରୁ ନିତା ବହିଦାର, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଓଡିଶୀ ନୃତ୍ୟ ଗୁରୁ ଡ଼ ମନୋରଞ୍ଜନ ପ୍ରଧାନ, ପୂର୍ବତନ ଦୂରଦର୍ଶନ କେନ୍ଦ୍ର ନିର୍ଦ୍ଦେଶକ ଓ ଓଡିଶୀ ନୃତ୍ୟ ଗୁରୁ ଦୀପ୍ତି ମିଶ୍ର, ନୃତ୍ୟ ଗୁରୁ ବିଚିତ୍ରା ନନ୍ଦ ସ୍ୱାଇଁ, ଗୁରୁ ସ୍ୱୟଂ ପ୍ରଜ୍ଞା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ଦିନେଶ ପ୍ରଜ୍ଞା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଆଇନଜୀବୀ ସୁବାଷ ଚନ୍ଦ୍ର ସାହୁ 'ପ୍ରଜ୍ଞା ସନାତନ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଏହି ନୃତ୍ୟ ମହୋତ୍ସବରେ ପ୍ରଜ୍ଞା ନୃତ୍ୟାୟନ୍ ର ୪୦ ଜଣ ନୃତ୍ୟ ଶିଳ୍ପୀ ଏକକ ନୃତ୍ୟ ପରବେଷଣ କରିଥିଲେ। ଏହା ସହିତ ଭାରତର କୋଣ ଅନୁକୋଣ ରୁ ଆସିଥିବା ୧୭ ଜଣ ନୃତ୍ୟ ଶିଳ୍ପୀ ଙ୍କୁ 'ଏକମ୍ର ନୃତ୍ୟସମ୍ମାନ' ରେ ସମ୍ମାନିତ କରାଯାଇଥିଲା ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ଶିବା ଶିବା, ବେଙ୍ଗଲୀ ଫୋଲ୍‌କ ନୃତ୍ୟ, ରାଜସ୍ଥାନୀ ନୃତ୍ୟ, କାଶ୍ମୀର ନୃତ୍ୟ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଗାଡ଼କଣ ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ସିଙ୍ଗ ବାହିନୀ, ଦାଣ୍ଡିଆ ନୃତ୍ୟ, ଭାଙ୍ଗାଡ଼ା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା।



କଳିଙ୍ଗନଗର ନୃତ୍ୟାୟନ ଅନୁଷ୍ଠାନ ପକ୍ଷ ରୁ ମୋ ଜାଗା କାଳିଆ ଦଳ ଗତ ନୃତ୍ୟ ପରିବେଷଣ କରି ଦର୍ଶକ ଙ୍କୁ ବିମୋହିତ କରିଥିଲେ। ଗୟାଧର ସାହୁଙ୍କ ତତ୍ତ୍ୱାବଧନରେ ପ୍ରଦୀପ ମହାନ୍ତି, ସ୍ମୃତି ରଞ୍ଜନ ସାହୁ, ସମ୍ବିତ କର ପ୍ରମୁଖଙ୍କ ସହଯୋଗରେ ଏହି ନୃତ୍ୟ ମୋହତ୍ସବ ସମ୍ପାଦିତ ହୋଇଅଛି। ଏହି କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଡୁଆରୀ ସଂଯୋଜନା କରିଥିଲେ।

● ବିଜେବି କଲେଜରେ ଆଲୋଚନାଚକ୍ର

## ଜ୍ଞାନର ସର୍ଜନା ଓ ସୃଜନଶୀଳତାର ଉଦ୍ୟାନରେ ପରିଣତ ହେଉ ଶିକ୍ଷାନୁଷ୍ଠାନ



ଭୁବନେଶ୍ୱର, ୧୩।୧(ସମିସ): ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଏକ୍ସଟ୍ରା ମ୍ୟୁରାଲ୍ କମିଟି ପକ୍ଷରୁ 'ୱିଥ୍ ଆଣ୍ଡ ବେୟଣ୍ଡ ଡିସିପ୍ଲିନାରୀ ବାଉଣ୍ଡ୍ରିଜ୍ : ଇଣ୍ଡିଆନ୍ ନଲେଜ ପାଥୱେଜ୍ ଟ୍ରାନସ୍ ସିଭିଲାଇଜେସନାଲ୍ ଡାଏଲଗ୍ସ ଆଣ୍ଡ ନ୍ୟୁ ପ୍ଲାନେଟେରି ଜ୍ଞାନଯୋଗ ଆଣ୍ଡ ଜ୍ଞାନଯଜ୍ଞ' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ବକ୍ତା ଭାବେ ମାଡ୍ରାସ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଭଲପମେଣ୍ଟାଲ୍ ଷ୍ଟଡିଜ୍‌ର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅନନ୍ତ କୁମାର ଗିରି ଯୋଗଦେଇ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ପରୀକ୍ଷା ପରିଚାଳନା କେନ୍ଦ୍ର ନ ହୋଇ ଜ୍ଞାନର ସର୍ଜନା ଓ ସୃଜନଶୀଳତାର ଉଦ୍ୟାନରେ ପରିଣତ ହେବା ଆବଶ୍ୟକ ବୋଲି କହିଛନ୍ତି। ଏଥିପାଇଁ ଅନବରତ ଉଦ୍ୟମ କରିବାକୁ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଆହ୍ୱାନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝୁମକୀ ରଥ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଂଯୋଜିକା ଡ. ମଧୁବ୍ରତା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କମିଟିର ଅନ୍ୟତମ ସଦସ୍ୟା ସ୍ୱର୍ଣ୍ଣଲତା ଦାସ, ଲୋପାମୁଦ୍ରା ଜେନା ଏବଂ ଅନୁସୂୟା ନାୟକ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ଡ. ଜ୍ୟୋତିପ୍ରକାଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ବସ୍‌ରେ କାମ କରୁନି ଅନ୍‌ଲାଇନ୍ ପେମେଣ୍ଟ

ଭୁବନେଶ୍ୱର, ୧୩।୧(ସମିସ): 'ଆମ ବସ୍' କେଉଁ ଦିନ ଦୁର୍ଘଟଣା ଘଟାଇଲାଣି ତ ଆଉ କେଉଁଠି ବସ୍ ପୋଡ଼ି ହେଲାଣି। ଫଳରେ ଲୋକଙ୍କ ସୁବିଧା ପାଇଁ ହୋଇଥିବା ଏହି ବସ୍ ଏବେ ଲୋକଙ୍କ ପାଇଁ ଅନେକ ଅସୁବିଧା ସୃଷ୍ଟି କଲାଣି। ଏବେ ପୁଣି ଆମ ବସ୍‌ରେ ଫୋନ୍ ପେ ଓ ଗୁଗୁଲ୍ ପେ କିଛି କାମ କରୁନାହିଁ। ଯାହାଦ୍ୱାରା ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାଜଧାନୀରେ ୨୦୧୮ ମସିହାରୁ ଚାଲୁଥିବା ଆମ ବସ୍‌ରେ ଅନ୍‌ଲାଇନ୍ ଟିକଟ୍ ସହ ମାସିକିଆ କାର୍ଡ଼ର ବ୍ୟବସ୍ଥା ହୋଇଥିଲା। ହେଲେ ଏବେ କାର୍ଡ଼ ସୁବିଧା ରହିଥିବା ବେଳେ ଅନ୍‌ଲାଇନ୍ ସୁବିଧା ନାହିଁ। ଫଳରେ କାର୍ଡ଼ ନଥିବା ଲୋକ ଅନ୍‌ଲାଇନ୍ ଉପରେ ନିର୍ଭରଶୀଳ ହୋଇଛନ୍ତି। କିନ୍ତୁ ଏବେ ଦୁଇଦିନ ହେଲାଣି ଅନ୍ ଲାଇନ୍ ସୁବିଧା ବସ୍‌ରେ ଉପଲବ୍ଧ ନାହିଁ। ଯଦ୍ୱାରା ଅନେକ ଯୁବପିଢ଼ି ଓ ବରିଷ୍ଠ ମାନେ ଅନ୍‌ଲାଇନ୍‌ରେ ଟିକଟ କାଟିବାକୁ ହନ୍ତସନ୍ତ ହେଉଛନ୍ତି। ଏଥିସହିତ ଏକ ସପ୍ତାହରୁ ଅଧିକ ଦିନ ହେଲାଣି ବସ୍‌ରେ ଓଡ଼ିଶା ଯାତ୍ରୀ ଆପ୍‌ର ପୋଷ୍ଟର ଲାଗିଛି। ଏହି ଆପ୍‌ରେ ଟିକଟ କାଟିବାକୁ କଣ୍ଡକ୍ଟର ଯାତ୍ରୀଙ୍କୁ ବାଧ କରୁଛନ୍ତି। ଅନେକ ଯାତ୍ରୀଙ୍କ ମୋବାଇଲ୍‌ରେ ଅସୁବିଧା ଥିବା ବେଳେ ଆଉ କିଛି ଯାତ୍ରୀ ମଧ୍ୟ ଆପ୍ ବ୍ୟବହାର କରୁନାହାନ୍ତି। ଯେଉଁଥିପାଇଁ

**ଟିକଟ ପାଇବାକୁ ଯାତ୍ରୀ ହନ୍ତସନ୍ତ**

ଯାତ୍ରୀମାନଙ୍କୁ ବସ୍‌ରୁ ଅଧାରୁ ଓହ୍ଲାଇବାକୁ ପଡୁଛି।

ଏନେଇ କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ ସରକାର 'ଓଡ଼ିଶା ଯାତ୍ରୀ ଗୋଟିଏ ଆପ୍, ଅନେକ ଯାତ୍ରା, ଏକ ସ୍ମାର୍ଟ ଓଡ଼ିଶା'ର ଶୁଭାରମ୍ଭ କରିଛନ୍ତି। ଡିଜିଟାଲ୍ ଯୁଗରେ ଯାତ୍ରୀମାନଙ୍କ ସୁବିଧା ଏବଂ ଶେଷ ମାଇଲ୍ ସଂଯୋଗୀକରଣ ଉପରେ ପ୍ରାଧାନ୍ୟ ଦେବା ପାଇଁ 'ଓଡ଼ିଶା ଯାତ୍ରୀ' ଆପ୍ ହେଉଛି ଏକ ସମନ୍ୱିତ ଡିଜିଟାଲ୍ ପରିବହନ ପ୍ଲାଟଫର୍ମ। ଏହି ଆପ୍‌ରେ ପୁରୁଷ ଯାତ୍ରୀଙ୍କ ପାଇଁ ୧୦ପ୍ରତିଶତ ଏବଂ ମହିଳା ଯାତ୍ରୀଙ୍କ ପାଇଁ ୧୫ପ୍ରତିଶତ ରିହାତି ରହିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ କୁଶଳୀ



ସହରୀ ପରିବହନ ପାଇଁ ଶେଷ ମାଇଲ୍ ସଂଯୋଗୀକରଣ ହେଉଛି ମେରୁଦଣ୍ଡ। ସାଧାରଣ ପରିବହନ ବ୍ୟବସ୍ଥା ଏବଂ ନାଗରିକଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ପାଇଁ 'ଓଡ଼ିଶା ଯାତ୍ରୀ'କୁ ପ୍ରସ୍ତୁତ କରାଯାଇଛି। ଫାଷ୍ଟଟିକେଟ୍ ଭଳି ପଦକ୍ଷେପ ମାଧ୍ୟମରେ ଆମେ ଦୈନନ୍ଦିନ ଯାତ୍ରାକୁ ସରଳ କରିବା ସହ ସୁବିଧା ହେବ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କାଗଜବିହୀନ ଏବଂ କ୍ୟାସଲେସ୍ ଟିକେଟ୍ ବ୍ୟବସ୍ଥା ସାର୍ବଜନୀନ ପରିବହନ ବ୍ୟବସ୍ଥା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ସାବ୍ୟସ୍ତ ହୋଇଛି ବୋଲି କହିଛନ୍ତି।

ଏନେଇ ଆମ ବସ୍‌ରେ ଯାତ୍ରା କରୁଥିବା ଅର୍ପିତା ସାହୁ କହିଛନ୍ତି ସମସ୍ତଙ୍କ ଫୋନରେ ଖରାପ ଥିବ କି ସ୍ପେସ୍ ନଥିବ ତେବେ ଜଣେ ଆପ୍ କେମିତି ଡ଼ାଉନ୍‌ଲୋଡ଼ କରିବ। ବୋଲି ସେ କହିଛନ୍ତି। ଅନ୍ୟ ଜଣେ ମହିଳା କୁହନ୍ତି ଏତେ ଦିନ ଭିତରେ ଫୋନ ପେ ସମସ୍ତେ ବ୍ୟବହାର କରିବା ଜାଣିଲେଣି। ହେଲେ ଏ ଆପ୍ ବିଷୟରେ ତ ଜାଣି ନାହାନ୍ତି ସାଙ୍ଗେ ସାଙ୍ଗେ କେମିତି ଡ଼ାଉନ୍‌ଲୋଡ଼ କରି ବ୍ୟବହାର କରିପାରିବ ବୋଲି ସେ କହିଛନ୍ତି।

